# କଟକ ମହାନଗର ନିଗମ

କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର ସଂ...10045...... ତାରିଖ...19/7/24...

## ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ କିଲିଖାନା ଗୁଡ଼ିକ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ **ତା ୦୧.୦୮.୨୦୨୪ ରିଖ ଠାରୁ ତା ୩୧.୦୩.୨୦୨୫ରିଖ** ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ **ଆସନ୍ତା ତା.୩୦.୦୭.୨୦୨୪ରିଖ ଅପରାହ୍ନ ୨.୦୦ ଘଟିକା** ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ପାଇଁ ଧାର୍ଯ୍ୟ ଆମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ୍ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ **ତା.୩୦.୦୭.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା** ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତରେ ନିଲାମ ଦର ଥିବା ଲଫାପା ଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତି ଗ୍ରହଣ କରାଯିବ । ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଂଗେ ସଂଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.odisha.gov.in** ରେ ଦେଖି ପାରିବେ ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ ।**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧିନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଲିଷ୍ଟ ଥାଇ କାରାବରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଂଗେ ସଂଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ । ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪. ଟେଣ୍ଡର ଗ୍ରହିତା ପ୍ରତ୍ୟେକ ଛେଳି ବା ମେଣ୍ଢା ପ୍ରତି ଟ. ୩୦/-(ତିରିଶ) ଟଙ୍କା ଲାଇସେନ୍ସ ଫି ଆଦାୟ କରିବେ ।

୫. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ପୁନି ଟେଣ୍ଡର କରି ପାରିବେ ।

୬. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧରେ କରିବେ ।

୭. ଉକ୍ତ ଟେଣ୍ଡର ଡ଼ାକକୁ କର୍ତ୍ତୃପକ୍ଷ ଇଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଧ କରିପାରିବେ ।

L୪୦୭ ୨୮/୩

# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ-୭୫୩ ୦୦୯

ପତ୍ର.ସଂ. . . . . . . . . . . . . . . . . . . ତାରିଖ . . . . . . . . . . . . . . . .

| କ୍ର. ନଂ. | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | କେଶରପୁର କିଲିଖାନା | ଟ.୬୦୦୦୦/- | ଟ.୬୦୦୦/- | ଆର୍ଥିକ ବର୍ଷ ୨୦୨୪-୨୫ |
| ୨. | ସତୀଚୌରା କିଲିଖାନା | ଟ.୫୭୮୦୦/- | ଟ.୬୦୦୦/- | |
| ୩. | ପଙ୍ଗାପୋଲ କିଲିଖାନା | ଟ. ୬୬୦୦୦/- | ଟ.୬୬୦୦/- | |
| ୪. | ଖାନନଗର କିଲିଖାନା | ଟ.୧୪୨୨୦୦/- | ଟ.୧୪୩୦୦/- | |
| ୫. | ନେହେରୁପଲ୍ଲୀ କିଲିଖାନା | ଟ. ୭୭୮୦୦/- | ଟ.୭୮୦୦/- | |

ଉପ ଆୟୁକ୍ତ

ଜ୍ଞାପକ ସଂ. 10056./ତା. 17.7.25.

ଏହାର ଏକ କିତା ନକଲ ଅତିରିକ୍ତ ଆୟୁକ୍ତ-୧ ଓ ୨/ ଯୁଗ୍ମ ଆୟୁକ୍ତ / ସମସ୍ତ ଉପ ଆୟୁକ୍ତ / ନଗର ଯନ୍ତ୍ରୀ/ ସ୍ୱାସ୍ଥ୍ୟ ଅଧିକାରୀ / ବିତ ଅଧିକାରୀ/ ଆଇନ ଅଧିକାରୀ / ବିଜ୍ଞାପନ ବିଭାଗ/ ଶ୍ରୀ ବିଭୁତି ଭୁଷଣ ସାହୁ, ଏମ.ଆଇ.ଏସ୍. କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଶ୍ରୀ ସାହୁ ଉକ୍ତ ଟେଣ୍ଡରକୁ ମହାନଗର ନିଗମ ୱେବସାଇଟରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 10057./ତା. 17.7.25.

ଏହାର ଏକ କିତା ନକଲ ମାନ୍ୟବର ମେୟରଙ୍କ ବ୍ୟକ୍ତିଗତ ସହାୟକ / ଆୟୁକ୍ତଙ୍କ କ୍ଷିପ୍ର ଲେଖକଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 10058./ତା. 17.7.25.

ଏହାର ଏକ କିତା ନକଲ କଟକ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ ଜିଲ୍ଲାପାଳ, କଟକ/ ଉପ ଜିଲ୍ଲାପାଳ, କଟକ ସଦର/ ତହସିଲଦାର, ସଦର କଟକ ଙ୍କ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବା ପାଇଁ ଅନୁରୋଧ କରାଗଲା ।

ଉପ ଆୟୁକ୍ତ

ଜ୍ଞାପକ ସଂ. 10059./ତା. 17.7.25.

ଏହାର ଏକ କିତା ନକଲ ଭାରପ୍ରାପ୍ତ ଅଧିକାରୀ, ପୁରୀଘାଟ ଥାନାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ